# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24th September – 2025

*************************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଦେଶରେ ଜାହାଜ ନିର୍ମାଣ ଓ ନୌବାଣିଜ୍ୟ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ୬୯ ହଜାର ୭୨୫ କୋଟି ଟଙ୍କାର ଅଥରାଶି ମଞ୍ଜୁର

– ମେଡିକାଲ ଶିକ୍ଷାର ସମ୍ପ୍ରସାରଣ ପାଇଁ ୫ ହଜାର ୨୩ଟି ଏମ୍.ବି.ବି.ଏସ୍ ସିଟ୍ ବୃଦ୍ଧି ପାଇଁ ନିଷ୍ପତ୍ତି

- ବିଧାନସଭାରେ ସି.ଏ.ଜି ରିପୋର୍ଟ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

- 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ଆସନ୍ତାକାଲି ୧ ଘଣ୍ଟା ଶ୍ରମଦାନ କରିବାକୁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା; ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା

GNR

## କେନ୍ଦ୍ର କ୍ୟାବିନେଟ୍– ରେଳ କର୍ମଚାରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଦେଶରେ ଜାହାଜ ନିର୍ମାଣ ଏବଂ ନୌବାଣିଜ୍ୟ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ୬୯ ହଜାର ୭୨୫ କୋଟି ଟଙ୍କାର ଅର୍ଥରାଶିକୁ ଅନୁମୋଦନ ମିଳିଛି। ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି...

**- V/O -**

କ୍ୟାବିନେଟ୍‌ରେ ଦେଶରେ ମେଡିକାଲ ଶିକ୍ଷାର ସମ୍ପ୍ରସାରଣ ପାଇଁ ୫ ହଜାର ୨୩ଟି ନୂତନ ଏମ୍.ବି.ବି.ଏସ୍ ସିଟ୍ ବୃଦ୍ଧିକୁ ମଞ୍ଜୁରୀ ମିଳିଛି। ଏହା ସହ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକର ଆଧୁନିକୀକରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଦେଶରେ ଗତ ୧୧ ବର୍ଷ ମଧ୍ୟରେ ମେଡିକାଲ କଲେଜ ସଂଖ୍ୟା ୩୮୭ରୁ ୮୦୮କୁ ବୃଦ୍ଧି ପାଇଥିବା ଜଣାପଡ଼ିଛି।

କେନ୍ଦ୍ର କ୍ୟାବିନେଟ୍ ରେଳ କର୍ମଚାରୀମାନଙ୍କ ପାଇଁ ଉତ୍ପାଦକତା ଭିତ୍ତିକ ବୋନସ୍‌କୁ ମଞ୍ଜୁରୀ ଦେଇଛନ୍ତି। କର୍ମଚାରୀମାନଙ୍କୁ ୭୮ ଦିନର ବୋନସ୍ ପ୍ରଦାନ କରାଯିବ। ୧୦ ଲକ୍ଷ ୯୧ ହଜାର ୧୪୬ କର୍ମଚାରୀ ଏହି ନିଷ୍ପତ୍ତି ଦ୍ୱାରା ଉପକୃତ ହେବେ ବୋଲି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ କହିଛନ୍ତି।

BBSR/R

## ସିଏଜି ରିପୋର୍ଟ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ–ସିଏଜିଙ୍କ ରିପୋର୍ଟ ଉପସ୍ଥାପନ

କରିଛନ୍ତି । ଶ୍ରୀ ମାଝୀ ମୋଟ୍ ତିନୋଟି ରିପୋର୍ଟ ଉପସ୍ଥାପନ କରିଛନ୍ତି । ସେଗୁଡ଼ିକ ହେଲା- ୨୦୨୨ ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ଇ-ପ୍ରୋକ୍ୟୁରମେଣ୍ଟ ପ୍ରଣାଳୀ ଉପରେ ପ୍ରଯୁକ୍ତି ସମୀକ୍ଷା ସମ୍ପର୍କିତ ରିପୋର୍ଟ, ୨୦୨୩ ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସରକାରଙ୍କ ଅନୁପାଳନ ସମୀକ୍ଷା ସିଭିଲ୍ ଉପରେ ଦ୍ୱିତୀୟ ରିପୋର୍ଟ ଏବଂ ସେହି ସମୟ ମଧ୍ୟରେ ରାଜ୍ୟ ସରକାରଙ୍କ ଅପରାଧ ଏବଂ ଅପରାଧିକ ଟ୍ରାକିଂ ସିଷ୍ଟମ ଉପରେ ସିଏଜିଙ୍କ ପ୍ରଯୁକ୍ତି ସମୀକ୍ଷା ପ୍ରତିବେଦନ ରିପୋର୍ଟକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହରେ ଉପସ୍ଥାପିତ କରିଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ୨୦୨୨ ମସିହା ମାର୍ଚ୍ଚ ଶେଷ ସୁଦ୍ଧା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ବାର୍ଷିକ ହିସାବ ଉପରେ ସିଏଜିଙ୍କ ସ୍ୱତନ୍ତ୍ର ଅଡିଟ୍‌କୁ ଗୃହରେ ଉପସ୍ଥାପିତ କରିଥିଲେ ।

Railway

## ଅମୃତ ଭାରତ ଏକ୍ସପ୍ରେସ୍

ପୂର୍ବତଟ ରେଳବାଇ ପକ୍ଷରୁ ଯାତ୍ରୀମାନଙ୍କ ସୁରକ୍ଷିତ ଓ ସୁଗମ ଯାତ୍ରା ପାଇଁ ବ୍ରହ୍ମପୁର–ଉଧନା ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖରେ ଆଭାସୀ ମାଧ୍ୟମରେ  ଏହାର ଶୁଭାରମ୍ଭ କରିବେ ।

Sambalpur

## ବନ୍ୟାପ୍ରଭାବିତ ଅଞ୍ଚଳ

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି ।

ବନ୍ୟାଜଳ ନିଷ୍କାସନ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ଶୁଖିଲା, ରନ୍ଧାଖାଦ୍ୟ, ପାନୀୟଜଳ ଏବଂ ଆଶ୍ରୟସ୍ଥଳୀରେ ଆବଶ୍ୟକୀୟ ସୁବିଧା ସାମଗ୍ରୀ ପ୍ରଦାନ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

Desk

## ସ୍ୱଚ୍ଛତା ଓ ସେବା

ଦେଶକୁ ସ୍ୱଚ୍ଛ ରଖିବା ପାଇଁ ଆସନ୍ତାକାଲି 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ଏକ ଘଣ୍ଟା ଶ୍ରମଦାନ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଏହି ଅଭିଯାନକୁ ଏକ ପ୍ରେରଣାଦାୟୀ ପଦକ୍ଷେପ ରୂପେ ଉଲ୍ଲେଖ କରି ଏହା ଦେଶର ସମୂହ ଦାୟିତ୍ୱ ଏବଂ ଜାତୀୟ ଗର୍ବକୁ ସୂଚାଉଛି ବୋଲି କହିଛନ୍ତି । ଆସନ୍ତାକାଲି ସକାଳ ୮ଟାରୁ ସ୍ୱଚ୍ଛତା ଅଭିଯାନରେ ସାମିଲ ହେବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଆସନ୍ତାକାଲି ମଧ୍ୟ ପଣ୍ଡିତ ଦିନ୍ ଦୟାଲ୍ ଉପାଧ୍ୟାୟଙ୍କ ଜୟନ୍ତୀ ଉତ୍ସବ ସାରା ଦେଶରେ ପାଳନ କରାଯିବ ।

Nayagarh

## ଜନସଚେତନତା କାର୍ଯ୍ୟକ୍ରମ

ନୟାଗଡ଼ ଜିଲ୍ଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପଥପ୍ରାନ୍ତ ନାଟକ ମାଧ୍ୟମରେ ସ୍ୱଚ୍ଛତା ହିଁ ସେବା ଜନସେଚତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନରେ ତିନୋଟି ଓ୍ୱାର୍ଡରେ ଦାସକାଠିଆ ଲୋକକଳା ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା ।

Deogarh

# ପ୍ଲାଷ୍ଟିକ ମୁକ୍ତ ଅଭିଯାନ

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ସାପ୍ତାହିକ ହାଟରେ 'ସ୍ୱଚ୍ଛତା ହିଁ ସେବା-୨୦୨୫' ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକକୁ ମନା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ସଚେତନତା ପଦଯାତ୍ରାରେ ଯୋଗଦେଇ ପ୍ଲାଷ୍ଟିକ ବର୍ଜନ କରିବା ସହ ପରିବେଶକୁ ସୁରକ୍ଷିତ ରଖିବାଖ ପାଇଁ ଜିଲ୍ଲାବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

Desk

# ପିଏମ୍-ସେବାପର୍ବ

## Seba Parba Opening

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା କେନ୍ଦ୍ର ସରକାର **'ବିଶ୍ୱ ଦୃଶ୍ୟଶ୍ରାବ୍ୟ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍‌ସ'** ମାଧ୍ୟମରେ କିଭଳି ସୃଜନଶୀଳତା ଏବଂ ପ୍ରଯୁକ୍ତିବିଦ୍ୟାକୁ ଦେଶର ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରୁଛନ୍ତି...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରରେ ସୃଜନଶୀତଳା ଏବଂ ସଂସ୍କୃତି ମାଧ୍ୟମରେ ଭାରତର ନରମ ଶକ୍ତିକୁ ଉପଯୋଗ କରାଯାଉଛି। ଯାହାର ଏକ ଦୃଷ୍ଟିକୋଣ ଥିଲା, ମୁମ୍ବାଇରେ ଆୟୋଜିତ ବିଶ୍ୱ ଦୃଶ୍ୟଶ୍ରାବ୍ୟ ମନୋରଞ୍ଜନ ଶିଖର ସମ୍ମିଳନୀ– ୱେବ୍‌ସର ପ୍ରଥମ ସଂସ୍କରଣ। ଯାହା ଚଳିତ ବର୍ଷ ମେ' ମାସ ପହିଲାରୁ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଶ୍ୱର ନିର୍ମାତା, ଷ୍ଟାର୍ଟଅପ୍ ଏବଂ ନୀତିନିର୍ଦ୍ଧାରକମାନଙ୍କୁ ଏକତ୍ର କରି ଦେଶକୁ ଗଣମାଧ୍ୟମ, ମନୋରଞ୍ଜନ ଏବଂ ଡିଜିଟାଲ ନବସୃଜନର ଏକ କେନ୍ଦ୍ର ଭାବରେ ବିଶ୍ୱବ୍ୟାପୀ ସ୍ଥାନିତ କରିବା। ମୁମ୍ବାଇରେ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତର ସୃଜନଶୀଳତା ଅର୍ଥନୀତିରେ ସକାରାତ୍ମକ ଅବଦାନ ଦେଇପାରେ ବୋଲି କହିଥିଲେ।

**- V/O -**

ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ସୃଜନଶୀଳତା, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିଭାକୁ ଉପଯୋଗ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ସହିତ ୱେବ୍‌ସ ଚଳଚ୍ଚିତ୍ର, ଓଟିଟି, ଗେମିଂ, କମିକ୍ସ ଏବଂ ଡିଜିଟାଲ ମିଡିଆ ସମସ୍ତ ପ୍ରଯୁକ୍ତିବିଦ୍ୟାକୁ ଏକୀକୃତ କରିଛି।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

**Seba Parba Closing**

Malkangiri

## ସୁସ୍ଥ ନାରୀ କାର୍ଯ୍ୟକ୍ରମ

ମାଲକାନଗିରି ଜିଲ୍ଲାର ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁସ୍ଥ ନାରୀ, ସଶକ୍ତ ପରିବାର' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ ଯୋଗଦେଇଥିଲେ।

BHK

## ସୁସ୍ଥ ନାରୀ କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବ୍ଲକ ରହଣିଆ ଆୟୁଷ୍ମାନ ଆରୋଗ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ 'ସୁସ୍ଥ ନାରୀ, ସଶକ୍ତ ପରିବାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇ  ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ।

Gajapati

## ତାଲିମ କାର୍ଯ୍ୟକ୍ରମ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ବନ୍ୟାପ୍ରାଣୀ ଅପରାଧ ପରିଚାଳନାକୁ ନେଇ ଏକ ବନ ଡିଭିଜନସ୍ତରୀୟ 'ହକ୍ ଆପ୍' ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ କେ.ନାଗାରାଜୁ କାର୍ଯ୍ୟକ୍ରମରେ ଯୋଗଦେଇ ବନ୍ୟ ପ୍ରାଣୀ ଅପରାଧ ପରିଚାଳନା ମାମଲାରେ ବନ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ସହ ହକ୍ ଆପ୍ ସିଷ୍ଟମର ବୈଶିଷ୍ଟ୍ୟ ଓ ପ୍ରୟୋଗ ଉପରେ ଆଲୋକପାତ କରିଥିଲେ।

Nabarangpur

## ଅଦ୍ୱିକା ଯୋଜନା

ନବରଙ୍ଗପୁର ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଅଦ୍ୱିକା ଯୋଜନା ଅଧୀନରେ ଜିଲ୍ଲାର କୋଷାଗୁମୁଡ଼ା, ପାପଡ଼ାହାଣ୍ଡି ଓ ଉମରକୋଟ ବ୍ଲକର ବାଳିକାମାନେ ଅନ୍ତଃଜିଲ୍ଲା ଅନୁଭୂତି ପରିଦର୍ଶନ ପାଇଁ ଭୁବନେଶ୍ୱର ଗସ୍ତ କରିଛନ୍ତି। ଜିଲ୍ଲାପାଳ ଡକ୍ଟର ମହେଶ ସ୍ୱାଇଁ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ।

Nuapada

## ଶିଶୁ ସୁରକ୍ଷା ବୈଠକ

ନୂଆପଡ଼ା ଜିଲ୍ଲା ବୋଡେନ ପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ପଞ୍ଚାୟତରେ ଶିଶୁଙ୍କ ମଙ୍ଗଳ ଓ ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡକ୍ଟର ଫଣିନ୍ଦମ ଦେଓ ଆହ୍ୱାନ ଦେଇଥିଲେ।

Malkangiri

## ଛୁଟି ବାତିଲ

ରାଜ୍ୟରେ ଲଘୁଚାପର ପ୍ରଭାବରେ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟିକୁ ଆସନ୍ତା ୨୮ ତାରିଖ ରବିବାର ପର୍ଯ୍ୟନ୍ତ ବାତିଲ କରିଛନ୍ତି। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହା ସହିତ ପୂର୍ବରୁ ଅନୁମୋଦନ ହୋଇଥିବା କର୍ମଚାରୀଙ୍କ ଛୁଟିକୁ ମଧ୍ୟ ବାତିଲ କରାଯାଇଛି।

MET

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଦକ୍ଷିଣ–ପଶ୍ଚିମ ଆଡ଼କୁ ଗତି କରିବା ସହ ଆଗାମୀ ୧୨ ଘଣ୍ଟା ମଧ୍ୟରେ ଦୁର୍ବଳ ହେବାର ସମ୍ଭାବନା ରହିଛି । କେନ୍ଦ୍ରୀୟ ମିଆଁମାର ଏବଂ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତାକାଲି ସୁଦ୍ଧା ଉତ୍ତର ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଏହା ଆସନ୍ତା ଶୁକ୍ରବାର ସୁଦ୍ଧା ଅବପାତରେ ପରିଣତ ହୋଇ ଶନିବାର ସୁଦ୍ଧା ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ନବରଙ୍ଗପୁର ଏବଂ ନୂଆପଡ଼ା ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।